ଶନିବାର, ୨୩ ଡିସେମ୍ବର, ୨୦୨୩

# ପିଲାଙ୍କ ଧରିତ୍ରୀ



## ଖିଲି ଖିଲି ହସ

ରିଙ୍କୁ: ଟିଙ୍କୁକୁ ଫୋନ୍‌ରେ ଏମିତି କ'ଣ କହିଲା ଯେ, ରିଙ୍କୁ ତୁ ଫୋନ୍ ରଖ ତୋ ପାଗଳ କଥା ଶୁଣି ମୋ ମୁଣ୍ଡ କ'ଣ ହୋଇଯାଉଛି, କିଛି ବୁଦ୍ଧି ଦିଶୁନି, ରହ ମୁଁ ତୁମ ଘରକୁ ଯାଉଛି।
ଟିଙ୍କୁ: ତୁ ଆମ ଘରକୁ ନ ଆସି ମୋ ମାମୁଘରକୁ ଯା।
ରିଙ୍କୁ: କାହିଁକି ?
ଟିଙ୍କୁ:ଆରେ,ରିଙ୍କୁମୋମାମୁପରାମେଣ୍ଟାଲଡକ୍ଟର।

---

ରୋହନ:କହିଲୁ ସୋହନ,ପାଟିର କ'ଣ ଗୋଡ଼ ଥାଏ କି ?
ସୋହନ: ନା, ରୋହନ
ରୋହନ: ତେବେ ମୋ ମାମା ଖାଲି କହୁଛନ୍ତି ଦିନରାତି ଖାଲି ତୋ ପାଟି ଚାଲୁଛି ?
ସୋହନ: ଆରେ ରୋହନ, ଆଣ୍ଟିଙ୍କ ଅର୍ଥରେ ତୁ ଦିନରାତି ଗପୁଛୁ ସେଥିଲାଗି ତୋ ପାଟି ଚାଲୁଛି !

---

ରିଙ୍କିର ଦେହ ଖରାପ ହେବାରୁ ସେ ଡାକ୍ତର ନିକଟକୁ ଗଲା। ଡାକ୍ତରବାବୁ ଦେଖି ଗୋଟିଏ ମେଡିସିନ ଦେଇ କହିଲେ ଏହି ମେଡିସିନ୍‌ଟିକୁ ଦିନରେ ୬ଚାମଚ ଖାଇବ।
ରିଙ୍କି: ତେବେ ମୁଁ ଏହାକୁ ଖାଇପାରିବିନି ।
ଡାକ୍ତର: କାହିଁକି ଖାଇପାରିବନି।
ରିଙ୍କି : କାରଣ ଆମ ଘରେ ୪ଟି ଚାମଚ ଅଛି , ମୁଁ କେମିତି ୬ ଚାମଚ ଖାଇବି ?

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଦେବାରେ ଆନନ୍ଦ ନେବାରେ ନାହିଁ

**ଗପ**



ଲିଙ୍କନ ମନଦୁଃଖରେ ବସିଥିବା ଦେଖି ସାଣ୍ଟାକ୍ଲଜ ବେଶରେ ଆସିଥିବା ଟିଟାସ୍ କହିଲା, ଆସ ମୋ ଗାଡ଼ିରେ ବସ, ବୁଲିବା। କିନ୍ତୁ ଲିଙ୍କନ ବସିଲା ନାହିଁ। ସାଣ୍ଟାକ୍ଲଜ ଯେତେ ଚେଷ୍ଟା କଲେ ମଧ୍ୟ ଲିଙ୍କନ ଶୁଣିବାର ନାଁ ନେଉ ନ ଥାଏ। ସାଣ୍ଟାକ୍ଲଜ ବିଚରା ଚିନ୍ତାରେ ପଡିଲେ।

ପିଲାଟିକୁ ଛାଡି ଯିବା ପାଇଁ ମନ ହେଉନାହିଁ। ଆଉ ତା'ର ସମସ୍ୟା କ'ଣ ସେ ବି ତ କହୁନାହିଁ। ଏହା ଭାବି ସାଣ୍ଟାକ୍ଲଜ କହିଲେ, ମୁଁ ତୋ ପାଖରେ ଏଇଠି ବସିଲି। ତୁ ମୋ କଥା ନ ଶୁଣିବା ଯାଏ ଆଜି ମୋର ଉପହାର ବାଣ୍ଟିବା ବନ୍ଦ। ଲିଙ୍କନର ବାପା, ମାଆ, ସାଙ୍ଗସାଥୀ ସବୁ ଆସି ବୁଝାଇଲେ କିନ୍ତୁ ଲିଙ୍କନ ମୁହଁ ଖୋଲୁନି। ଏତିକିବେଳେ ଟିଟାସ୍ ସାଣ୍ଟାକ୍ଲଜ ମୁଣାରୁ ଏକ ଡ୍ରେସ ବାହାରକରି ଲିଙ୍କନକୁ ଦେଲେ। ଲିଙ୍କନ ଖୁସିରେ ତାକୁ ପିନ୍ଧିଦେବା ପରେ ଜଣାପଡ଼ିଲା ନୂଆ ଡ୍ରେସ ପାଇଁ ସେ ଏମିତି ମନମାରି ବସିଥିଲା। ତା'ପରେ ଆରମ୍ଭ ହେଲା ସାଣ୍ଟାକ୍ଲଜଙ୍କ ସହିତ ମିଠେଇ ବଣ୍ଟା କାମ। ସାଣ୍ଟାକ୍ଲଜଙ୍କ ସହ ବିଭିନ୍ନ ସ୍ଥାନ ବୁଲି ଉପହାର ବାଣ୍ଟି ଲିଙ୍କନ ଖୁବ୍ ଖୁସି ଅନୁଭବ କରୁଥାଏ।

ସାଣ୍ଟାକ୍ଲଜ ସହିତ ଫେରିବା ବାଟରେ ଲିଙ୍କନ ଏକ ଘର ଦେଖିଲା। ସେ ଘରର ବାରଣ୍ଡାରେ ଗୋଟିଏ ପିଲା ବସିଥାଏ। ସାଣ୍ଟାକ୍ଲଜର ଆସିବା ଦେଖି ସେ ଖୁସି ହୋଇଗଲା। ଟିଟାସ୍ ସାଣ୍ଟାକ୍ଲଜ ଓ ଲିଙ୍କନ ଉଭୟ ତା' ପାଖକୁ ଗଲେ। ମୁଣାରୁ ମିଠେଇ, ଡ୍ରେସ ଆଦି ବାହାର କରି ପିଲାଟିକୁ ଦେଉଥାନ୍ତି ସାଣ୍ଟାକ୍ଲଜ। ଏହି ସମୟରେ ସେ ପିଲାଟି ପଚାରିଲା ଏସବୁ ବାଣ୍ଟି ତୁମକୁ କ'ଣ ମିଳୁଛି ? ସାଣ୍ଟାକ୍ଲଜ ପିଲାଟିର କଥା ଶୁଣୁଥିଲେ ଓ କହିଲେ, ଉପହାର ବଦଳରେ ଯେଉଁ ଜିନିଷ ସମସ୍ତଙ୍କ ପାଖରୁ ଆଣିଛି ତାହା ବି ତୋ'ଠାରୁ ମୋତେ ମିଳିଛି। ଏହା ଶୁଣି ପିଲାଟି ଆଶ୍ଚର୍ଯ୍ୟ ହୋଇଗଲା। ସେ କହିଲା, ମୁଁ ତ କିଛି ଦେଇନାହିଁ ତୁମେ କ'ଣ ନେଲ କି? ସାଣ୍ଟାକ୍ଲଜ ତା' ମୁଣ୍ଡରେ ହାତବୁଲାଇ ଦେଇ କହିଲେ, ଉପହାର ଦେଇ ମୁଁ ଖୁସି ପାଇଲି। ଆଉ ଖୁସିରେ ରହିଲେ ମୁଁ ପୁଣି ଆର ବର୍ଷକୁ ମିଠେଇ ଆଣି ଆସିବି। ଏଥର ପିଲାଟି ଲିଙ୍କନକୁ ପଚାରିଲା, ଉପହାର ଦେଲେ କ'ଣ ସତରେ ଖୁସି ମିଳେ? ଲିଙ୍କନ କହିଲା ହଁ। ତୁ ନିଜେ ପରୀକ୍ଷା କରି ଦେଖୁନୁ। ପିଲାଟି ତାଙ୍କ ବଗିଚାରୁ ଦୁଇଟି ଗୋଲାପ ଫୁଲ ଆଣି ଗୋଟିଏ ସାଣ୍ଟାକ୍ଲଜଙ୍କୁ ଆଉ ଗୋଟିଏ ଲିଙ୍କନକୁ ଦେଲା। ତିନିଜଣ ଏକା ସାଙ୍ଗରେ ହସିବାକୁ ଲାଗିଲେ। ପିଲାଟି କହିଲା ସତକଥା, ମୁଁ ଏମିତି କେବେ ଅନୁଭବ କରିପାରି ନ ଥିଲି। ମା'ବାପାଙ୍କୁ କହି ସାଣ୍ଟାକ୍ଲଜଙ୍କ ପାଇଁ ଏକ ଉପହାର ଆଣିଲା ଲିଙ୍କନ। ସେହି ସାଣ୍ଟାକ୍ଲଜଙ୍କୁ ଉପହାର ଦେଇ ଲିଙ୍କନ କହିଲା, ଦେବାରେ ଯେଉଁ ଆନନ୍ଦ ଅଛି ତାହା ନେବାରେ ନାହିଁ। ଏଥର ଅନ୍ୟକୁ ସାହାଯ୍ୟ କରି, ଉପହାର ଦେଇ ଖୁସି ପାଇଲେ ଲିଙ୍କନ ଓ ସେହି ପିଲାଟି।

**– ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ମତାମତ

▸▸ ଏଥିରେ ପ୍ରକାଶିତ ହେଉଥିବା ଆଇନା ଫଟୋଗୁଡିକ ସୁନ୍ଦର ହେଉଛି।

**–ମିତାଲି ମଧୁମିତା ସାହୁ, ରାଜକନିକା,କେନ୍ଦ୍ରାପଡା**

▸▸ ଗିନିଜ୍ ୱାର୍ଲ୍ଡ ରେକର୍ଡ 'ଡିଜିଟାଲ ଫଟୋ ପ୍ରଦର୍ଶନୀ' ପାଠଟି ପଢ଼ିବାକୁ ମଜା ଲାଗିଲା। ଏହି ପ୍ରଦର୍ଶନୀରେ ଏତେ ସଂଖ୍ୟାରେ ଫଟୋ ପ୍ରଦର୍ଶନ ହୋଇଥିଲା ତାହା ଜାଣି ଆଶ୍ଚର୍ଯ୍ୟ ଲାଗିଲା।

**–ଆୟୁଷ୍ ସାମଲ,ଭଣ୍ଡାରୀପୋଖରୀ,ଭଦ୍ରକ**

▸▸ ଜଣାଅଜଣା ପୃଷ୍ଠାରେ ପ୍ରକାଶିତ ମହାକାଶରେ କିପରି ଗାଧାନ୍ତି ମହାକାଶଚାରୀ ସେ ସମ୍ପର୍କରେ ତଥ୍ୟ ଜାଣିବାକୁ ପାଇଲି।

**–ଆଦିତ୍ୟ ନାରାୟଣ ପତି, ଯାଜପୁର ଟାଉନ୍,ଯାଜପୁର**

▸▸ ଏଥର କବିତାଗୁଡିକ ମନଛୁଆଁ ହୋଇଥିଲା।

**–ରଞ୍ଜନ ମହାନ୍ତି, ବାଲେଶ୍ୱର**

## ରଙ୍ଗ ଦିଅ





କଳ୍ପନା ବେହେରା
କ୍ଲାସ- ୫, ବ୍ରହ୍ମେଶ୍ୱର ହାଇସ୍କୁଲ, ଭୁବନେଶ୍ୱର

## ଖ୍ରୀଷ୍ଟମାସ : କିଛି କଥା

❖ଯିଶୁଙ୍କ ଜନ୍ମଦିନକୁ ଖ୍ରୀଷ୍ଟମାସ ବା ବଡଦିନଭାବେ ପାଳନ କରାଯାଏ। ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚ ଅନୁସାରେ ପ୍ରତିବର୍ଷ ଡିସେମ୍ବର ୨୫ ତାରିଖରେ ଖ୍ରୀଷ୍ଟମାସ ପାଳନ କରାଯାଏ।

❖ ସବୁ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଗୋଟିଏ ଦିନରେ ଖ୍ରୀଷ୍ଟମାସ ପାଳନ କରି ନ ଥାନ୍ତି। ଅର୍ଥୋଡକ୍ସ ଖ୍ରୀଷ୍ଟିଆନ ଅର୍ଥାତ ରୁଷିଆ, ୟୁକ୍ରେନ୍ ଓ ରୋମାନ୍‌ରେ ଜାନୁୟାରୀ ୭ ତାରିଖରେ ଖ୍ରୀଷ୍ଟମାସ ପାଳନ ହୁଏ।

❖ରାଣୀ ଭିକ୍ଟୋରିଆ ଓ ତାଙ୍କ ସ୍ୱାମୀ ପ୍ରିନ୍ସ ଆଲବର୍ଟ ଖ୍ରୀଷ୍ଟମାସକୁ ଖୁବ୍ ଧୁମ୍‌ଧାମରେ ପାଳନ କରିବାକୁ ଭଲପାଆନ୍ତି।

❖ଖ୍ରୀଷ୍ଟମାସ ଟ୍ରି ସର୍ବପ୍ରଥମେ ଜର୍ମାନୀରେ ଆରମ୍ଭ ହୋଇଥିଲା। ସେ ସମୟରେ ଲୋକେ ଏକ ସୁନ୍ଦର ସବୁଜ ଗଛକୁ ଫଳ ଫୁଲରେ ସଜାଉଥିଲେ, ଯାହାର ଅର୍ଥ ଥିଲା ସୁନ୍ଦର ସୁଖମୟ ଜୀବନ। ପରେ ଏହାକୁ ମିଠା, କ୍ୟାଣ୍ଡେଲ ଆଦିରେ ସଜା ଯାଇଥିଲା।

❖ପ୍ରତିବର୍ଷ ନରୱେ ଏକ ସୁନ୍ଦର ଖ୍ରୀଷ୍ଟମାସ ଟ୍ରି ଲଣ୍ଡନକୁ ପଠାଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ୍ ନରୱେକୁ ସାହାଯ୍ୟ କରିଥିବାରୁ କୃତଜ୍ଞତାସ୍ୱରୂପ ନରୱେ ଖ୍ରୀଷ୍ଟମାସ ଟ୍ରି ପଠାଇଥିଲା। ସେବେଠାରୁ ଏହି ପରମ୍ପରା ଚାଲିଆସିଛି।

❖ଖ୍ରୀଷ୍ଟମାସରେ ବେଶି ପରିଚିତ ସାଣ୍ଟା ପ୍ରକୃତରେ ଥିଲେ ଜଣେ ସୁହୃଦୟ ଦାନୀ ବ୍ୟକ୍ତି ଯାହାଙ୍କର ନାମ ଥିଲା ସନ୍ଥ ନିକୋଲାସ୍।

❖ ଖ୍ରୀଷ୍ଟମାସରେ ସମସ୍ତେ ଜିଙ୍ଗଲ ବେଲ୍ ସଙ୍ଗୀତ ବୋଲନ୍ତି। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ଲାଗେ କି ଏହି ଗୀତରେ ଥରଟେ ହେଲେ ବି ଖ୍ରୀଷ୍ଟମାସ, ଯିଶୁ କିମ୍ବା ସାଣ୍ଟାର ନାମ ନାହିଁ। ପ୍ରକୃତରେ ଏହା ଖ୍ରୀଷ୍ଟମାସ ସଙ୍ଗୀତ ନୁହେଁ। ୧୮୫୦ ମସିହାରେ ଆମେରିକାରେ ଏକ ଖୁସିର ମୁହୂର୍ତ୍ତ (ଥ୍ୟାଙ୍କ୍ସଗିଭିଙ୍ଗ) ପାଳନ ସମୟରେ ରଚନା କରାଯାଇଥିଲା।

❖ ୧୯୪୪ ମସିହାରେ ପ୍ରଥମେ ଇଂଲଣ୍ଡ ଏବଂ ପରେ ଆମେରିକାର କେତେକ ଅଞ୍ଚଳରେ ଖ୍ରୀଷ୍ଟମାସ ପାଳନକୁ ବ୍ୟାନ୍ କରି ଦିଆଯାଇଥିଲା। କିନ୍ତୁ ପୁଣିଥରେ ୨୦ ବର୍ଷ ପରେ ଏହି ପର୍ବ ପାଳନ ଲାଗି ଅନୁମତି ମିଳିଥିଲା।

## ଆସ ଗଢ଼ିବା ସ୍ୱପ୍ନର ଦେଶ




**ତୁମ ପଢ଼ିବା ପାଇଁ**

ଶିଶୁ-କିଶୋର କବିତା ସଂକଳନ 'ଆସ ଗଢ଼ିବା ସ୍ୱପ୍ନର ଦେଶ'ରେ ରହିଛି ବେଙ୍ଗ ବେଙ୍ଗୁଲୀ ବାହାଘର, କୁନି ପାରା ସାଥେ କୁନା, ଘରଚଟିଆ, ମୟୂରୀ ନାନୀ, ଜହ୍ନମାମୁ ହସୁଛି, ଆସ ଆସ ଚାନ୍ଦରାଣୀ, ଅମାନିଆ ବର୍ଷା ଏବଂ ଆସ ସାଙ୍ଗ ଝିଲି-ମିଲି ପରି କେତୋଟି ଶିକ୍ଷଣୀୟ କବିତା। ଅମ୍ବିକା ସ୍ୱାଇଁଙ୍କ ଦ୍ୱାରା ରଚିତ ଏହି ସଙ୍କଳନର ମୂଲ୍ୟ ୯୯ଟଙ୍କା। ଯୋଗାଯୋଗ: ଅମ୍ବିକା ସ୍ୱାଇଁ, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର, ମୋ: ୯୭୭୭୫୯୯୬୯୫।

ଖୁସି ବାଣ୍ଟିବାର ଏକ ସୁନ୍ଦର ଅବସର ଆଣିଥାଏ ଖ୍ରୀଷ୍ଟମାସ। ଏହି ସମୟରେ ସ୍କୁଲ ଛୁଟି ଥିବାରୁ ସ୍ୱତନ୍ତ୍ରଭାବେ ପାଳନ କରିବା ପାଇଁ ପ୍ରସ୍ତୁତି କରିଥାନ୍ତି ପିଲାମାନେ।





# ଖ୍ରୀଷ୍ଟମାସ

ଯିଶୁଙ୍କ ଜନ୍ମଦିନକୁ ସବୁଆଡେ ଖ୍ରୀଷ୍ଟମାସ ବା ବଡ଼ଦିନ ଭାବେ ପାଳନ କରାଯାଏ। ତେବେ ଏହି ଦିନଟିକୁ ପାଳନ କରିବା ପାଇଁ ପିଲାମାନେ ବେଶି ଉତ୍ସାହିତ ଥାନ୍ତି। ବଡ଼ଦିନରେ ଘର ସଜାଇବା, ଖ୍ରୀଷ୍ଟମାସ ଟ୍ରି ଆଣି ଘରେ ରଖିବା, କେକ୍, ଚକୋଲେଟ୍ ଆଦି ଖାଇବା ଏବଂ ସବୁଠୁ ବଡ କଥା ହେଉଛି ସାଣ୍ଟାକ୍ଲଜର ଗିଫ୍ଟ ପାଇଁ ଢେର୍ ଉତ୍ସାହ ଥାଏ। ଛୋଟ ଛୋଟ ପିଲା ତଥା ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କୁ ଗିଫ୍ଟ ଆଣିଦେବା ହିଁ ଏହି ଦିନର ସବୁଠୁ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ। ଏହା ବ୍ୟତୀତ ନୂଆ ଡ୍ରେସ ପିନ୍ଧି ବୁଲାବୁଲି କରିବା କିମ୍ବା ପାର୍ଟି କରିବା ସହ ବିଭିନ୍ନ ପ୍ରକାର ମଜାମସ୍ତି ପାଇଁ ଯୋଜନା କରିଥାନ୍ତି ପିଲାମାନେ।

## ସାଙ୍ଗମାନଙ୍କ ଘରକୁ ବୁଲିବାକୁ ଯିବି



ଖ୍ରୀଷ୍ଟମାସରେ ଘର ସୁନ୍ଦରଭାବେ ସଜାଇବା ପାଇଁ ମତେ ବହୁତ ଭଲ ଲାଗେ। ମାମା ଗୋଟେ ସୁନ୍ଦର ଖ୍ରୀଷ୍ଟମାସ ଟ୍ରି ଆଣିଛନ୍ତି। ତାକୁ ସଜାଇବା ପାଇଁ ସବୁ ଜିନିଷ ଆଣିଛି। ତା' ଛଡା ଘରେ ଲିଚୁ ଲାଇଟ୍ ବି ଲଗାହେବ। ଆଉ ଦିନରେ ଘରପାଖରେ ଥିବା ସାଙ୍ଗମାନେ ଆମ ଘରକୁ ଆସିବେ। ମାମା ଆମ ସମସ୍ତଙ୍କ ପାଇଁ ରୋଷେଇ କରିବେ ଓ ଆମେ ସମସ୍ତେ ଏକାଠି ଖାଇବୁ। ତା' ପରେ ସେମାନଙ୍କ ସହ ତାଙ୍କ ଘରକୁ ଯିବି ଓ ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସିବି।

**-ପ୍ରିୟାଂଶୁ ପ୍ରତୀକ ନାୟକ**
କ୍ଲାସ୍-୭, ଜବାହର ନବୋଦୟ ବିଦ୍ୟାଳୟ, ଖୋର୍ଦ୍ଧା

## ନନ୍ଦନକାନନ ଯିବି



ବଡଦିନରେ ପିକ୍ନିକ୍ କରିବା ପାଇଁ ଆମର ବର୍ଷକ ଆଗରୁ ପ୍ରସ୍ତୁତି ହୋଇଥାଏ। ପ୍ରତିବର୍ଷ ଭଳି ଏଥର ବି ଆମେ ସମସ୍ତେ ବୁଲିବାକୁ ଯିବୁ। ଏବର୍ଷ ମାମୁ ମାଈଁଙ୍କ ସହ ସିପୁନ ଭାଇ ବି ଆସିବ। ସମସ୍ତେ ଏକାଠି ନନ୍ଦନକାନନ ଯିବୁ। ସେଠାରୁ ଫେରିବା ପରେ ରାତିରେ ଛାତ ଉପରେ ଭୋଜି ହେବ ବୋଲି ବାବା କହିଛନ୍ତି। ଘରକୁ ବହୁତ ଲୋକ ଆସିବେ, ଛାତ ଉପରେ ଖିଆପିଆ, ନାଚଗୀତ ହେବ, ଖୁବ୍ ମଜା ଲାଗିବ।

**-ଆୟୁଷ ମହାନ୍ତି,** କ୍ଲାସ୍- ୧୦, ଷ୍ଟିୱାର୍ଟ ସ୍କୁଲ, ଭୁବନେଶ୍ୱର

## କୋଣାର୍କ ଯିବୁ



ଏଥର ବଡଦିନରେ ଆମେ ସମସ୍ତେ ମଉସାଙ୍କ ଘରକୁ ଯିବୁ। ସମସ୍ତଙ୍କ ପାଇଁ ବଜାରରୁ ବାବାଙ୍କ ସହ ଯାଇ ଗିଫ୍ଟ କିଣି ଆଣିଛି। ସାଣ୍ଟା ଭଳି ସଜ ହେବା ପାଇଁ ମୋର ଡ୍ରେସ ବି କିଣା ହୋଇଛି। ଘରେ ଅନ୍ୟମାନେ ସମସ୍ତେ ଏକ ଡ୍ରେସ କୋଡ୍ ଅନୁସାରେ ପିନ୍ଧିବେ। ସମସ୍ତେ ଏକାଠି ପିକ୍ନିକ୍ ପାଇଁ କୋଣାର୍କ ଯିବୁ। ସେଠି ରାତିରେ ରହି ତା' ପରଦିନ ପୁରୀ ଯାଇ ବୁଲାବୁଲି କରି ଫେରିବୁ।

**-ଅନନ୍ୟା ପାତ୍ର,** କ୍ଲାସ୍-୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ନଗର, ଭୁବନେଶ୍ୱର

## ଗାଁରେ ପାଳିବି



ପ୍ରତିବର୍ଷ ବଡ଼ଦିନରେ ଆମେ ଗାଁକୁ ଯାଉ ଓ ସେଠାରେ ସମସ୍ତେ ମିଶି ସ୍ୱତନ୍ତ୍ରଭାବେ ପାଳନ କରୁ। ଘରେ ବଡ଼ଦିନଠାରୁ ନୂଆବର୍ଷ ଯାଏ ଲିଚୁ ଲାଇଟ୍ ଲଗାହୁଏ। ଗାଁରେ ଦାଦା, ଖୁଡୀ ଓ ଅମନ ଭାଇ ବି ଅଛନ୍ତି। ସେଠି ଆମେ ସମସ୍ତେ ମିଶି ଦିନବେଳା ବାହାରେ ଖାଇବାକୁ ଯିବୁ। ରାତିରେ ଘର ଆଗରେ ଥିବା ବାଡିରେ ଟେଣ୍ଟ କରି ସେଠି ରୋଷେଇ କରିବୁ ଓ ନାଚଗୀତ ପାଇଁ ବି ବ୍ୟବସ୍ଥା ହେଉଛି। ବାଡିରେ ଟେଣ୍ଟ କରାଯାଇ ଛୋଟ ଛୋଟ ତମ୍ବୁଘର ହୋଇଛି ଓ ଲାଇଟ୍‌ରେ ସଜା ହୋଇଛି। ପାର୍ଟି ଭଳି ମଜା କରିବା ପାଇଁ ସବୁ ପ୍ରକାରର ଯୋଜନା କରାଯାଇଛି। ତେଣୁ ଗାଁରେ ଥିବା ମୋର ସବୁ ସାଙ୍ଗମାନଙ୍କୁ ଆସିବା ପାଇଁ କହିଛି। ସମସ୍ତେ ଏକାଠି ମିଶି ଖୁବ୍ ମଜା କରିବୁ।

**-ବେଦପ୍ରଜ୍ଞ ମହାପାତ୍ର,** କ୍ଲାସ୍- ୮, ପିଏମ୍ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩, ମଞ୍ଚେଶ୍ୱର, ଭୁବନେଶ୍ୱର

## ପିଲାଙ୍କୁ ଗିଫ୍ଟ ଦେବି



ଖ୍ରୀଷ୍ଟମାସ ଦିନ ସାଣ୍ଟା ସମସ୍ତଙ୍କୁ ଲୁଚି ଲୁଚି ଗିଫ୍ଟ ଦେଇଥାଏ ବୋଲି ଶୁଣିଥିଲି। ସେଥିପାଇଁ ଛୋଟବେଳେ ସକାଳୁ ଉଠି ପ୍ରଥମେ ଗିଫ୍ଟ ଖୋଜୁଥିଲି। ଯେକୌଣସି ଗୋଟେ ଗିଫ୍ଟ ପାଇଲେ କେତେ ଖୁସି ଲାଗେ ତାହା ଅନୁଭବ କରିଛି। ତେଣୁ ଏଥର ଆମ ଘରପାଖରେ ଥିବା ଏକ ଆଶ୍ରମ ସ୍କୁଲକୁ ଯାଇ ସବୁ ପିଲାଙ୍କୁ କିଛି ନା କିଛି ଗିଫ୍ଟ ଦେବି ବୋଲି ଭାବିଛି। ଏଭଳି ଏକ ଚିନ୍ତାଧାରା ଥିବା ଜାଣି ବାବା ମାମା ବି ବହୁତ ଖୁସି ହୋଇ ମତେ ସବୁ ଜିନିଷ ଯୋଗାଇ ଦେବେ ବୋଲି କହିଛନ୍ତି। ତେଣୁ ଆମେ ସମସ୍ତେ ଏକାଠି ସେହି ସ୍କୁଲରେ ସବୁ ପିଲାଙ୍କ ପାଇଁ ପ୍ୟାକିଂ ହୋଇଥିବା ଗିଫ୍ଟ ଓ ମିଠା ବାଣ୍ଟିବୁ।

**-ଶ୍ରେୟାଂଶୀ ମହାନ୍ତି,** କ୍ଲାସ୍-୫, କ୍ରିଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ, ପ୍ରତାପନଗରୀ, କଟକ

## ବହି ଓ ଚାରା ବାଣ୍ଟିବି



ଧାର୍ମିକ ମାନ୍ୟତା ଅନୁସାରେ ଏହି ଦିନ ଯିଶୁଖ୍ରୀଷ୍ଟଙ୍କର ଜନ୍ମଦିନ, ଯିଏକି ମଣିଷ ସମାଜକୁ ଅନେକ ଭଲ ବାର୍ତ୍ତା ଦେଇ ଯାଇଛନ୍ତି। ତାଙ୍କର ଜନ୍ମଦିନକୁ ଖ୍ରୀଷ୍ଟମାସ ଭାବେ ପାଳନ କରାଯାଇଥାଏ। ତେବେ ଖାଲି ନୂଆ ଡ୍ରେସ ପିନ୍ଧି ଖିଆପିଆ କରିଦେଲେ ବଡ଼ଦିନ ପାଳନର ଯଥାର୍ଥତା ମିଳିପାରିବ ନାହିଁ। ଏହି ଦୃଷ୍ଟିରୁ ମୁଁ ଏଥର ବଡ଼ଦିନରେ ସାଙ୍ଗମାନଙ୍କୁ ବିଭିନ୍ନ ପ୍ରକାର ବହି ଓ ଛୋଟ ଚାରା ଉପହାର ଦେବି ବୋଲି ସ୍ଥିର କରିଛି। ବର୍ତ୍ତମାନ ସମୟରେ ପରିବେଶକୁ ଭଲ ରଖିବା ଏକ ଆହ୍ୱାନ ପାଲଟିଛି। ଏହା ସହିତ ସମସ୍ତଙ୍କ ମଧ୍ୟରେ ସ୍ନେହ ପ୍ରେମ ରହିଲେ ସମାଜରେ ହିଂସା ମଧ୍ୟ କମ୍ ହୋଇପାରିବ।

**-ସାଇପ୍ରସାଦ ପୁହାଣ,** କ୍ଲାସ୍-୭, ସାଲେପୁର ଇଂଲିଶ ମିଡିୟମ୍ ସ୍କୁଲ,ସାଲେପୁର, କଟକ

୧



**ଅଭିସୁମତ ସାମଲ**
କ୍ଲାସ-୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ନଗର, ଭୁବନେଶ୍ୱର

**ଶାଶ୍ୱତ ଖଣ୍ଡୁଆଳ**
କ୍ଲାସ-୫, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଭିଏସ୍ଏସ୍ନଗର, ଭୁବନେଶ୍ୱର



୨

୩



**ଇଶାନୀ ସାଇ ଶର୍ମା**
କ୍ଲାସ- ୪, ନିଉ ଡି ପଲ୍ ସ୍କୁଲ, ଆମ୍ବପୁଆ, ବ୍ରହ୍ମପୁର

**ଦେବସ୍ମିତା ରାଉତ**
କ୍ଲାସ- ୫, ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର



୪

୫



**ଦିବ୍ୟାଂଶ ଶତପଥୀ**
କ୍ଲାସ-୧, ଡିଏଭି ପବ୍ଲିକ ସ୍କୁଲ, ଇଫ୍କୋ, ପାରାଦ୍ୱୀପ

**ଶିବାଂଶୀ ଦାଶ**
କ୍ଲାସ- ୧, ସେଣ୍ଟ ଜୋଶେଫ ଗାର୍ଲସ ହାଇସ୍କୁଲ, କଟକ



୬

୭



**ନିର୍ଲିପ୍ତା ରାୟ**
କ୍ଲାସ- ୬, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଭୁବନେଶ୍ୱର

**ସ୍ୱରୂପ ଶଙ୍କର କାନୁନଗୋ**
କ୍ଲାସ- ୪, ସୁଧାନନ୍ଦ ବିଦ୍ୟାଳୟ, ମାଧବପୁର, ଗାନ୍ଧିଛକ, ଜଗତସିଂହପୁର



୮



୧





୨



୭



୩



୪





୫




୬

୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଦ୍ରୁତତମ ଦୌଡ଼ାଳି



ରାସ୍ତାରେ ଏକ କ୍ୱିଣ୍ଟୁପୁଲ୍ ପ୍ରାମ୍ (ଏକପ୍ରକାର ଚକଲଗା ଠେଲାଗାଡ଼ି)ରେ ୫ଜଣ ପିଲାଙ୍କୁ ବସାଇ ଠେଲିଠେଲି ଦୌଡ଼ିବା ନିହାତି କଷ୍ଟକର। ଏମିତି ଅବସ୍ଥାରେ ୧ କିଲୋମିଟର ପର୍ଯ୍ୟନ୍ତ ଦୌଡ଼ିବା ପାଇଁ ମାତ୍ର ୫ ମିନିଟ୍ ୩୪ ସେକେଣ୍ଡର ସମୟ। ଭାବିଲେ ହୁଏତ କଥାଟା ବିଶ୍ୱାସ ହୋଇ ନ ପାରେ। କିନ୍ତୁ ଏହାକୁ ସତ କରି ଦେଖାଇଛନ୍ତି ଆମେରିକାର ଚାଡ୍। ସେଥିପାଇଁ ତ କ୍ୱିଣ୍ଟୁପୁଲ ପ୍ରାମ୍ ସହିତ ଦ୍ରୁତତମ ଦୌଡ଼ାଳିଭାବେ ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଚାଡ୍ ଏକ ସମୟରେ ୫ ଜଣ ଛୁଆଙ୍କୁ ସେଥିରେ ବସାଇ ଖୁବ୍ ଜୋରରେ ଦୌଡ଼ିଥିଲେ। ସେଥିପାଇଁ ୧ କିଲୋମିଟର ରାସ୍ତାକୁ ମାତ୍ର ୫ ମିନିଟ୍ ୩୪ ସେକେଣ୍ଡରେ ଅତିକ୍ରମ କରି ଦେଇଥିଲେ। ତେବେ ଚାଡ୍‌ଙ୍କ କ୍ୱିଣ୍ଟୁପୁଲ ପ୍ରାମ୍‌ରେ ତାଙ୍କର ୮ ବର୍ଷୀୟ ଓ ୭ ବର୍ଷୀୟ ପୁଅ ସହିତ ଅନ୍ୟମାନେ ଥିଲେ। ଏଥିରେ ଅଧିକ ଚକ ଲାଗିଥିବାରୁ ଏହା ଶୀଘ୍ର ଗଡ଼ିଥାଏ। ତେଣୁ ଏହାକୁ ଏତେ ଶୀଘ୍ର ଠେଲି ନେଇପାରିଛନ୍ତି ବୋଲି ସେ କହିଛନ୍ତି। ତେବେ ଏହି ରେକର୍ଡକୁ ମିଶାଇ ଚାଡ୍ ଏବେ ୪ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏହା ପୂର୍ବରୁ ସେ କ୍ୱିଣ୍ଟୁପୁଲ ପ୍ରାମ୍‌ରେ ବିଭିନ୍ନ ପ୍ରକାରର ଦୌଡ଼ରେ ମଧ୍ୟ ରେକର୍ଡ କରିଛନ୍ତି।

# ଏଥରର



- ନରୱେର ରାଜଧାନୀର ନାମ ?
- ପତ୍ରରେ ଫଟୋସିନ୍ଥେସିସ୍ ପ୍ରକ୍ରିୟା ନିମନ୍ତେ କେଉଁ ଉପାଦାନ ଆବଶ୍ୟକ ?
- ଇଲେକ୍ଟ୍ରିସିଟି ବା ବିଦ୍ୟୁତ୍‌ର ଉଦ୍ଭାବକ ?
- ବାୟୁର ବେଗ ମାପିବା ନିମନ୍ତେ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?
- ଡେନ୍‌ମାର୍କର ରାଜଧାନୀ ?

ଉ ତ୍ତ ର

## ଗତଥରର

- ୟେନ୍
- ଚିଲିକା ହ୍ରଦ
- ଗ୍ରାଫାଇଟ୍
- ନ୍ୟାଶନାଲ ୟୁନିଟି ଡେ
- ହାଇଡ୍ରୋଜେନ୍ ଏବଂ ହିଲିୟମ୍





## ଆଶିଷ ଦିଅ ଯୀଶୁ

ଭଲ ମଣିଷ ହେବୁ ଆମେତ
ଆଶିଷ ଦିଅ ଯୀଶୁ
ତୁମରି ନୀତି ମାନି ଚଳିବୁ
ଏଇ ଦେଶର ଶିଶୁ।
ମନରୁ ତେଜି ହିଂସା ବଡେଇ
ଦୁନିଆ ଦେବୁ ଗଢି
ଫୁଲଟି ପରି କଅଁଳ ମନ
ଯିବୁନି ଜମା ଝଡି।
ତୁମରି ପରି ଦୁଃଖ ସହିବୁ
ହସିବୁ ଜହ୍ନ ପରି
ଶାନ୍ତିର ଗୀତ ଗାଇବୁ ହସି
ମନରେ ସୁଖ ଭରି।
ଜୀବନେ କେତେ ସହିଛ ଦୁଃଖ
ପଢିଛୁ ମନ ଦେଇ
ଦେଶ ଜାତିର ହିତ ସାଧିବୁ
ତୁମ ସମାନ ହେଇ।
ଭଲ ମଣିଷ ମହାପୁରୁଷ
ଶାନ୍ତିର ଦେବଦୂତ
ଯିଶୁହେ ତୁମେ ଜନମ ନିଅ
ହେଇ ଧରାରେ ପୂତ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି ପୁରୀ
ମୋ: ୯୬୬୮୮୨୨୧୯୦

## କ ବି ତା

## ବଡ଼ଦିନ

ବେଥେଲହେମ ସହରର ଏକ ମେଣ୍ଢାଶାଳରେ
ଶିଶୁପୁତ୍ରଟିଏ ଜନମିଲେ ଶୁଭ ବେଳରେ
ଜନକ ଜୋସେଫ ପାଶେ ଥିଲେ ସେଇ କାଳରେ
ବଢିଲେ ସେ ଜନ୍ମଦାତ୍ରୀ ମାତା ମେରୀ କୋଳରେ !

ସେଇ ପୁତ୍ରଗୋଟି ଯୀଶୁ ଶୁଦ୍ଧ ବୁଦ୍ଧି ଆଚାର
ବୁଲି ବୁଲି ଖ୍ରୀଷ୍ଟଧର୍ମ କରିଥିଲେ ପ୍ରଚାର
ଯେଉଁଥିରେ ଥିଲା ସତ୍ୟ ଶାନ୍ତି ନ୍ୟାୟ ବିଚାର
ସେଇଲାଗି ହେଲେ ସିଏ କେନ୍ଦ୍ରବିନ୍ଦୁ ଚର୍ଚ୍ଚାର !

ଆନନ୍ଦ ଧରଣୀ ରାଣୀ ପାଇ ଶୀତ ପରଶ
ଡିସେମ୍ବର ପଚିଶିକୁ ଆମେ ପ୍ରତି ବରଷ
ଯୀଶୁଙ୍କ ଜନମ ଦିନ ପାଳୁ ହୋଇ ହରଷ
ବଡ଼ଦିନ ନାମ ତାର ଲାଗେ ଭାରି ସରସ !

**– ଜଗଦୀଶ ସାହୁ**
ସଂଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

## ଶୀତଋତୁ



**ବା**ରମାସ ମିଶି ବରଷ ହୁଅଇ
ବରଷକ ଛଅ ଋତୁ
କାର୍ତ୍ତିକ ଶେଷରେ ଧରାକୁ ଆସଇ
ଶୀତ ଲାଗେ କୁଡୁ କୁଡୁ ।
ଘାସ ପତରରେ କାକର ପଡ଼ିକି
ଦିଶୁଥାଏ ଝଳମଳ
ହୀରା ପରି ସିଏ ଝଟକୁ ଥାଏରେ
ସତେକି ମୁକୁତା ଫୁଲ ।
ଶୀତ ସକାଳର ସୋରିଷ ଫୁଲଟି
ସୁନା ରଙ୍ଗ ନେଇ ହସେ
ଶୀତ କୁହୁଡ଼ିରେ ବାଟଘାଟ ସବୁ
ଝାପସା ଝାପସା ଦିଶେ ।
ଶୀତ ଆଣିଥାଏ ଗୁରୁବାର ଓଷା
ଲକ୍ଷ୍ମୀପୂଜା ମାଣବସା
ଝୋଟିଚିତା ଆଙ୍କି ବଉମୋ କରଇ
ବରଷକ ଏଇ ଓଷା ।
ବିଦ୍ୟାଦାୟିନୀ ମା’ ସରସ୍ୱତୀ ପୂଜା
ମାଘ ମାସେ ପଡ଼ିଥାଏ
ପୂଜାକରି ପିଲେ ଭକ୍ତିଭାବ ରଖି
ବିଦ୍ୟା ବୁଦ୍ଧି ମାଗିଥାଏ ।

**– ବ୍ରଜେଶ୍ୱରୀ ସିଂହ**
ଯାଜପୁର ରୋଡ୍, ଯାଜପୁର
ମୋ: ୯୪୩୮୪୭୧୪୧୧

## କହିଲ ଦେଖି



ଡିସେମ୍ବର ମାସ ପଚିଶି ତାରିଖେ
ଆସିଥାଏ ଏହି ପର୍ବ
ସମଗ୍ର ବିଶ୍ୱରେ ଖ୍ରୀଷ୍ଟଧର୍ମୀ ଜନେ
ମନାନ୍ତି ଏହାକୁ ସର୍ବେ,
ଈସାଇ ଧର୍ମର ପଥ ପ୍ରଦର୍ଶକ
ଜନ୍ମିଥିଲେ ଏହି ଦିନ
ସାରା ଗୀର୍ଜାଘର ଅପୂର୍ବ ସଜ୍ଜାରେ
କିଣିନିଏ ଜନମନ
ଏବେ କୁହ ସେହି ପର୍ବର ନାମ
ଯିଏ କହିଦେବ ଚତୁର ଜାଣ ।

**ଉତ୍ତର– ବଡ଼ଦିନ ପର୍ବ**



ଗଛଟିଏ ସିଏ ନୁହେଁ ଜୀବନ୍ତ
ଆଲୋକ ମାଳାରେ ହୁଏ ସଜ୍ଜିତ
ନାନା ବର୍ଣ୍ଣ ଜରି କାଗଜ ନେଇ
ସଜାନ୍ତି ଈସାଇ ଭଉଣୀ ଭାଇ
ବଡ଼ଦିନ ପର୍ବ ଯେବେ ଆସଇ
ଗୃହ ମଧ୍ୟେ ତା’ର ରୂପ ଶୋଭଇ
ଯିଏ କହିଦେବ ସେ ଗଛ ନାମ
ଉପହାରଟିଏ ମିଳିବ ଜାଣ ।

**ଉତ୍ତର– ଖ୍ରୀଷ୍ଟମାସ ଗଛ**



ବଡ଼ଦିନ ପର୍ବ ଯେବେ ଆସଇ
ନାଲି ପୋଷାକରେ ସିଏ ଆସଇ
ପିନ୍ଧିଥାଏ ସିଏ ସୁନ୍ଦର ଟୋପି
ଉପହାର ଦିଏ ପିଲାଙ୍କୁ ଦେଖି
ପିଲାଙ୍କ ଖୁସିରେ ସେ ଖୁସି ହୁଏ
ଏବେ କୁହ ସେହି ଦାତାଟି କିଏ ।

**ଉତ୍ତର– ସାନ୍ତା**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬





## କାହିଁକି ଶୁଏନି ଘୋଡ଼ା

ପିଲାଏ, ତୁମେ ତ ଘୋଡ଼ା ଦେଖିଥିବ।  ମାତ୍ର କେବେ ଘୋଡ଼ା ଶୋଇଥିବାର ଦେଖି ନ ଥିବ। କିନ୍ତୁ ଘୋଡ଼ା ସବୁବେଳେ ଠିଆ ହୋଇ ହିଁ ଶୋଇଥାଏ। ସେମାନେ କେବେ କେବେ ବସିକି ବିଶ୍ରାମ ନିଅନ୍ତି। କିନ୍ତୁ ପ୍ରାୟତଃ ସେମାନେ ଠିଆ ରହି ବିଶ୍ରାମ ନିଅନ୍ତି। ଏହା ବ୍ୟତୀତ ତା'ର ଶାରୀରିକ ଗଠନ କାରଣରୁ ସେ ବସିବା ବଦଳରେ ଠିଆ ହୋଇ ରହିବାକୁ ଅଧିକ ପସନ୍ଦ କରେ। ମନରେ ବି ପ୍ରଶ୍ନ ଆସିପାରେ, ଏମାନେ କେବେ କ'ଣ ଶୁଅନ୍ତିନି! କିନ୍ତୁ ହଁ, ସେମାନେ ଶୁଅନ୍ତି, କିନ୍ତୁ ଠିଆ ହୋଇ ଶୋଇଥା'ନ୍ତି। ଘୋଡ଼ା ଦିନକ ମଧ୍ୟରେ ଅଧଘଣ୍ଟା ବିଶ୍ରାମ ନେଇଥାଏ। ଏହାର ମୁଖ୍ୟ କାରଣ ହେଲା ଘୋଡ଼ାର ଅଣ୍ଟା ସାଧାରଣତଃ ସିଧା ହୋଇଥାଏ, ଯାହା ସହଜରେ ମୋଡ଼ି ହୋଇ ନ ଥାଏ। ଯେତେବେଳେ ଘୋଡ଼ା ବସିଥାଏ, ଏହାପରେ ତାକୁ ଉଠିବାରେ ସମସ୍ୟା ହୋଇଥାଏ। ବସିବା ଦ୍ୱାରା ଘୋଡ଼ାର ଶରୀର ପୂରା ଓଜନ ତା'ର ସାମ୍ନା ଭାଗରେ ଅଧିକ ହୋଇଥାଏ, ଯାହାଫଳରେ ତାକୁ ନିଃଶ୍ୱାସ ନେବାରେ ଅସୁବିଧା ହୁଏ। ସେଥିପାଇଁ ସେମାନେ ବସିବା ବଦଳରେ ଠିଆ ହୁଅନ୍ତି।

## ରଙ୍ଗ ବଦଳାଉଥିବା ନଦୀ


ଆଗରୁ କେତେକ ନଦୀ ବିଷୟରେ ଆମେ ବହୁତ କିଛି ଜାଣିଛେ। କିନ୍ତୁ ଏମିତି ଏକ ନଦୀ ଅଛି ଯାହାର ରଙ୍ଗ ବଦଳେ। ଆଶ୍ଚର୍ଯ୍ୟ ହେଲେ ବି କଥାଟି ସତ। ଏହି ନଦୀର ନାମ କେନୋ କ୍ରିଷ୍ଟଲ୍ସ ଏବଂ ଏହା କଲମ୍ବିଆ ଦେଶରେ ଅବସ୍ଥିତ। ଏହି ନଦୀର ଖାସ୍ କଥା ହେଲା  ପ୍ରତି ଋତୁରେ ଏହି ନଦୀର ପାଣିର ରଙ୍ଗ ବଦଳେ। ଉକ୍ତ ନଦୀକୁ  ରିଭର ଅଫ୍ ଫାଇଭ୍ କଲର୍ସ ବା ଲିକ୍ୟୁଇଡ୍ ରେନ୍‌ବୋ ନାମରେ ବେଶ୍ ପରିଚିତ। ନଦୀଟି ୧୦୦ କିଲୋମିଟରରୁ ଅଧିକ ଏରିଆରେ ପରିବ୍ୟାପ୍ତ ଅଛି। ସମ୍ପୃକ୍ତ ନଦୀକୁ ବିଶ୍ୱର ସବୁଠାରୁ ସୁନ୍ଦର ନଦୀର ଆଖ୍ୟା ମଧ୍ୟ ପ୍ରଦାନ କରାଯାଇଛି। ବର୍ଷର ୬ମାସ ଏହି ନଦୀର ପାଣି ଅନ୍ୟ ନଦୀ ପାଣିର ରଙ୍ଗ ପରି ହୋଇଥାଏ। ଅନ୍ୟପଟରେ ଦେଖିଲେ ଜୁନ୍‌ରୁ-ନଭେମ୍ବର ପର୍ଯ୍ୟନ୍ତ ନଦୀର ପାଣି ହଳଦିଆ ତ କେତେବେଳେ ସବୁଜ କିମ୍ବା ନୀଳ ରଙ୍ଗ ଦେଖିବାକୁ ମିଳିଥାଏ।





# ସାଥୀ ମଲା ପରେ ବି କାନ୍ଦନ୍ତି ପ୍ରାଣୀ

**ମଣିଷଙ୍କର ଯେତେବେଳେ କୌଣସି ଆତ୍ମୀୟସ୍ୱଜନ ମୃତ୍ୟୁବରଣ କରନ୍ତି , ସେମାନେ ଯେପରି ଦୁଃଖ ଅନୁଭବ କରିଥାଏ, ସେମିତି ଏମିତି କେତେକ ପ୍ରାଣୀ ଅଛନ୍ତି; ଯାହାଙ୍କ ମୃତ୍ୟୁରେ ସେ ମଧ୍ୟ ଦୁଃଖିତ ହୋଇ କାନ୍ଦିଥା'ନ୍ତି। ସେଭଳି କେତେକ ପ୍ରାଣୀଙ୍କ ସମ୍ପର୍କରେ...**





**ମାଙ୍କଡ଼:** ଏମାନେ ଅଧିକ ଭାବନାତ୍ମକ ପ୍ରାଣୀ। ଏମାନେ ସାଥୀର ମୃତ୍ୟୁ ପରେ ପାଖରେ ବସି କାନ୍ଦୁଥିବାର ଦେଖାଯାଏ। ଏମାନଙ୍କର ମଧ୍ୟ ସ୍ୱଭାବରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ଏହି ପ୍ରାଣୀ ସବୁବେଳେ ଚଳଚଞ୍ଚଳ ରହୁଥିବା ବେଳେ କାହାର ମୃତ୍ୟୁ ପରେ ଏମାନେ ବହୁତ ଶାନ୍ତ ହୋଇଯା'ନ୍ତି।

**ସିମ୍ପାଞ୍ଜି:** କୌଣସି ସିମ୍ପାଜିର ମୃତ୍ୟୁ ତାହାର ନିକଟ ପ୍ରାଣୀମାନେ ଗୋଟିଏ ସ୍ଥାନରେ ଏକତ୍ର ହୋଇଥାଆନ୍ତି। ସେମାନେ ସେଠାରେ ଏକାଠି ହୋଇ ଶୋକ ପାଳନ କରନ୍ତି। କେବଳ ସେତିକି ନୁହେଁ, ସେମାନେ ମଧ୍ୟ କାନ୍ଦିଥାଆନ୍ତି।

**ଘୋଡ଼ା:** ଘୋଡ଼ା ମଧ୍ୟ ଏପରି ଏକ ପ୍ରାଣୀ, ଯଦି ତାଙ୍କର  ଆତ୍ମୀୟସ୍ୱଜନ ମୃତ୍ୟୁବରଣ କରନ୍ତି, ଏମାନେ ମଧ୍ୟ କାନ୍ଦୁଥିବାର ଦେଖାଯାଏ।

**କୁକୁର :** ଏହା ଏମିତି ଏକ ପ୍ରାଣୀ, ଯଦି ତା'ର କୌଣସି ସାଥୀ ମରିଯାଏ, ତେବେ ସେ ଦୁଃଖ ସହି  ନ ପାରି କାନ୍ଦିଥାଏ। ଏପରି କି ତାହାର ମାଲିକର ମୃତ୍ୟୁ ଘଟିଲେ ସେମାନଙ୍କ ଆଖିରେ ମଧ୍ୟ ଲୁହ ଦେଖିବାକୁ ମିଳିଥାଏ।



**ହାତୀ:** ଏମାନଙ୍କୁ ଅନ୍ୟତମ ଭାବନାତ୍ମକ ପ୍ରାଣୀ ଭାବରେ ଗଣନା କରାଯାଇଥାଏ। ଏମାନେ ସାଙ୍ଗସାଥୀ ହୋଇ ରହିବାକୁ ପସନ୍ଦ କରନ୍ତି। ତାଙ୍କର ସାଥୀ ମରିଯିବା ପରେ ସେମାନେ ଶୋକ ପାଳନ କରୁଥିବାର ଦେଖିବାକୁ ମିଳେ। କେତେକ ସମୟରେ ତାଙ୍କ ଆଖିରୁ ଲୁହ ବୋହୁଥିବାର ଦେଖିବାକୁ ମଧ୍ୟ ମିଳିଥାଏ। ସେମାନେ ସହଜରେ ଏପରି ପରିସ୍ଥିତିରୁ  ମୁକୁଳି ପାରି ନ ଥାନ୍ତି।

# ଆଇନା



ସିଓନ ପତି
୮ ବର୍ଷ / ଭୁବନେଶ୍ୱର



ଲିପ୍ସିତା ବିଶ୍ୱାଳ
୬ ବର୍ଷ / ବାଲୁଗାଁ